# କସ୍ତୁରୀ

ହେ ଧରଣୀର କୃଷ୍ଣସାର

କାହିଁ ଏତେ ବ୍ୟସ୍ତ, ବ୍ୟଗ୍ର

ଅସ୍ଥିର, ଅଧୀର, ଆତୁର

ସ୍ୱର୍ଣ୍ଣ ମୃଗ ଲୋଭରେ

ମିଛ ମରୀଚିକା ପଛରେ

ଯେତେ ତୁ ଧାଉଁଥିବୁ

ସେତେ ଆଗେଇ ଯାଉଥିବ ସେ

ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ପରି

ଅଣ୍ଟିଏ ପାଣିରୁ ଟଣ୍ଟିଏ ହେବଯାଏ

ଲୋଭ- ମୋହ ସବୁ ଧୋଇଗଲା ଯାଏ । (୧)

ଧୋଇଯିବ ତୋର

ଅହଂପଣ, ମାନ-ଅଭିମାନ

ପାପଧନ, ପଶୁପଣ

ଯେବେ

ଢଳାହେବ ପାଣି ଲୋଟାଏ

ପିନ୍ଧାଇବେ କାଛିଆ ଟିଏ

ଶୋଇଦେବେ ତିନି ହାତ ଜମିରେ

ଶୁଭୁଥିବ କୁମ୍ଭୀର କାନ୍ଦଣା

ମନଗଢା କାହାଣୀ, ବନ୍ଦନା

ଭୂରି ଭୂରି ମିଛ ପ୍ରଶଂସାର ଘୋଷଣା;

ଖାଲି ସତ ଥିବ

ସେହି ପିଲା

ତାହାର କୁନି କୁନି ହାତ

ଲେଞ୍ଜରା ଲଗା ଆଖି

ଅଧା ଚିରା ପ୍ୟାଣ୍ଟ

ରଜନୀଗନ୍ଧା, ଗେଣ୍ଡୁମାଳ

ଭିଡ ଟ୍ରାଫିକ ପାଖେ

କାର ଝରକା ନିକଟେ

ତୋ ଶବଧାରର କଡେ କଡେ । (୨)

ତାହା ଠାରୁ ଆହୁରି ସତ

ମନବୋଧ ଚଉତିଶା

ମମତାମୟୀ ମା'ର ଭାଷା

"କହଇ ମନ ..."ର ପରିଭାଷା

ମାନି ନେ ଥରେ, ଦେଖିବୁ

ହୋଇଯିବ କାଚ କାଞ୍ଚନ

କୁଡିଆ ପାଲଟିବ ନଅର

ଉଭେଇଯିବ ବିଭ୍ରମ

ଶରୀର ହେବ ସ୍ଥିତପ୍ରଜ୍ଞ

ଦଉଡିବାକୁ ପଡିବନି

ମିଛାଟାରେ, ଛାଇ ପଛରେ

ଝାପସା ଆଲୁଅରେ, ଦିବାଲୋକରେ

କସ୍ତୁରୀ ବାସ୍ନାରେ

ନିରୀହା ମୃଗିଣୀ ଭଳି

ସ୍ୱୟଂ ନାଭି ସନ୍ଧାନରେ । (୩)

ହିମାଂଶୁ ଶେଖର ବିଶ୍ୱାଳ

୧୧-୦୪-୨୦୧୨, ଭୁବନେଶ୍ୱର, ଓଡ଼ିଶା